**୧୭ ନଭେମ୍ବର ୨୦୨୩ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ – ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼**

**ବଦର୍ ଯୁଦ୍ଧର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅ.ଙ୍କ ପବିତ୍ର ଜୀବନୀ ଓ ଐତିହାସିକ ଘଟଣାବଳୀର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା । ମଧ୍ୟଏସିଆରେ ଚାଲି ରହିଥିବା ଘମାଘୋଟ ଯୁଦ୍ଧ ପରିପ୍ରେକ୍ଷୀରେ ବିଶେଷ ଦୁଆର ଆହ୍ୱାନ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍‌ହଦହୁ ଲାଶରିକା ଲହୁ ୱ୍‌ଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍‌ରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହେମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ୍ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଦୁବି ଆଲୈହିମ୍ ୱ୍‌ଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନଓ୍ୱର ଅ.ବ. କହିଲେ; ଗତ ଖୁତବାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅ.ଙ୍କ ପବିତ୍ର ଜୀବନୀ ପ୍ରସଙ୍ଗରେ ଯେଉଁ ଐତିହାସିକ ଘଟଣାବଳୀର ଆଲୋଚନା ଚାଲିଥିଲା ସେହିକ୍ରମରେ ଫରାତ୍ ବିନ୍ ହୟାନ୍‌ଙ୍କ ଇସଲାମ ଧର୍ମ ଗ୍ରହଣ କରିବା ସଂକ୍ରାନ୍ତରେ ବର୍ଣ୍ଣିତ ରହିଛି ଯେ, ଫରାତ୍ ମୁସଲମାନମାନଙ୍କ ଦ୍ୱାରା ବନ୍ଦୀ ହୋଇଥିଲା । ବଦର ଯୁଦ୍ଧରେ ମଧ୍ୟ ସେ ଆହତ ହୋଇଥିଲା । କିନ୍ତୁ କୌଶଳକ୍ରମେ ସେଠାରୁ ଫେରାର୍ ହେବାରେ ସଫଳ ହୋଇଥିଲା । ହଜରତ ଅବୁବକର ର.ଅ. ତାହାକୁ ଦେଖି କହିଲେ; ବର୍ତ୍ତମାନ ତ ନିଜ ଆଚରଣ ପରିବର୍ତ୍ତନ କରିନିଅ ଏବଂ ଇସଲାମ ଧର୍ମ ଗ୍ରହଣ କରିନିଅ । ଏଥିରେ ସେ ହଜୁର ସ.ଅ.ଙ୍କ ନିକଟକୁ ବାହାରି ପଡ଼ିଲା ଏବଂ ଜଣେ ଅନ୍‌ସାରୀ ବନ୍ଧୁଙ୍କ ପାର୍ଶ୍ୱରୁ ଅତିକ୍ରମ କରିବା ସମୟରେ କହିଲା, ମୁଁ ମୁସଲମାନ ଅଟେ । ଅତଏବ ଉକ୍ତ ଅନ୍‌ସାରୀ ଜଣକ ହଜୁର ସ.ଅ.ଙ୍କୁ କହିଲେ; ଫରାତ୍ ତ ଇସଲାମ ଧର୍ମ ଗ୍ରହଣ କରି ନେଇଛି । ଏଥିରେ ହଜୁର ସ.ଅ. କହିଲେ; ଏବେ ଯଦି ସେ କୁହେ କି ସେ ଇସଲାମ ଧର୍ମ ଗ୍ରହଣ କରି ନେଇଛି ତେବେ ଏହା ତାହାର ଓ ଅଲ୍ଲାଃତାଲାଙ୍କ ମଧ୍ୟରେ ମାମଲା । ସେଥିଅନ୍ତେ ହଜୁର ସ.ଅ. ତାହାକୁ କାରାମୁକ୍ତ କରିଦେଲେ ।

ଘଟଣାଚକ୍ରରେ ଗୋଟିଏ ଯୁଦ୍ଧ ହଜରତ ଜୈଦ୍ ବିନ୍ ହାରସା ର.ଅ.ଙ୍କର ରହିଛି । ଯାହାକି ଜମାଦିଲ୍ ଆଖିର୍ ୩ହିଜ୍‌ରୀରେ ଘଟିଥିଲା, ଯାହାଙ୍କୁ କରାଦାଃ ଅଞ୍ଚଳକୁ ପ୍ରେରଣ କରା ଯାଇଥିଲା । ଏହି ଘଟଣା ସଂକ୍ରାନ୍ତରେ ହଜରତ ମିର୍ଜା ବଶିର ଅହେମଦ ସାହେବ ର.ଅ. ବର୍ଣ୍ଣନା କରନ୍ତି; ବନୁ ସଲିମ୍ ଓ ବନୁ ଗତଫାନ୍‌ର ଆକ୍ରମଣରୁ ନିବୃତ୍ତ ହେବା ପରେ ମୁସଲମାନମାନେ ଆଉ ଏକ ବିପତ୍ତିରୁ ନିସ୍ତାର ପାଇବା ସକାଶେ ମଦିନାରୁ ବାହାରି ଥିଲେ । ସେତେବେଳ ସୁଦ୍ଧା କୁରୈଶମାନେ ବ୍ୟବସାୟ କରିବାକୁ ହିଜାଜ୍‌ର ଉପକୂଳବର୍ତ୍ତୀ ଅଞ୍ଚଳ ମଧ୍ୟ ଦେଇ ସିରିୟା ଯାଉଥିଲେ । କିନ୍ତୁ ସେମାନେ ସେହି ମାର୍ଗକୁ ତର୍କ କରି ଦେଇଥିଲେ କାରଣ ଉକ୍ତ ଅଞ୍ଚଳର ବାସୀନ୍ଦା ମୁସଲମାନମାନଙ୍କର ଶୁଭାକାଂକ୍ଷୀ ପାଲଟି ଯାଇଥିଲେ । ତେଣୁକରି ସେମାନେ ନଜ୍‌ଦୀ ମାର୍ଗକୁ ଆପଣାଇଲେ ଯାହାକି ଇରାକ୍ (ଦେଶକୁ) ଯାଉଥିଲା । ଯାହାର ଆଖପାଖରେ ମୁସଲମାନମାନଙ୍କ ଶତ୍ରୁ ବନୁ ସଲିମ୍ ଓ ବନୁ ଗତଫାନ୍ ଗୋଷ୍ଠୀ ବସବାସ କରୁଥିଲେ । ଅତଃ ଜମାଦିଲ୍ ଆଖିର୍ ମାସରେ ହଜୁର ସ.ଅ.ଙ୍କୁ ସୂଚନା ମିଳିଲା ଯେ, କୁରୈଶର ଏକ (ବ୍ୟବସାୟୀ) ଦଳ ନଜ୍‌ଦୀ ମାର୍ଗରେ ଯାତ୍ରା କରୁଅଛି । ଏହି ଖବର ମିଳିବା ମାତ୍ରେ ହଜୁର ସ.ଅ. ଜୈଦ୍ ବିନ୍ ହାରସା ର.ଅ.ଙ୍କ ନେତୃତ୍ୱରେ ଏକ ସେନା ପ୍ରେରଣ କଲେ । ହଜରତ ଜୈଦ୍ ଅତ୍ୟନ୍ତ ଚତୁରତାର ସହିତ ନିଜ କର୍ତ୍ତବ୍ୟ ସମ୍ପାଦନ କରିଥିଲେ ଏବଂ ନଜ୍‌ଦର ଅଞ୍ଚଳ କରାଦାଃ ଠାରେ ସେମାନଙ୍କୁ ଘେରି ନେଲେ । ସେହି ଅତର୍କିତ ଆକ୍ରମଣରେ କୁରୈଶ ଦଳ ଜୀବନ ବିକଳରେ ନିଜ

ସାମଗ୍ରୀ ଛାଡ଼ି ପଳାୟନ କଲେ । ଅତଏବ ଜୈଦ୍ ବିନ୍ ହାରସା ଓ ତାଙ୍କର ସାଥିମାନେ ସେମାନଙ୍କ ସମସ୍ତ ସାମଗ୍ରୀ ଓ ଧନସମ୍ପତ୍ତି ଧରି ମଦିନା ପ୍ରତ୍ୟାବର୍ତ୍ତନ କଲେ ।

ଆଉ ଏକ ଘଟଣା କାବ୍ ବିନ୍ ଅଶରଫ୍‌ର ହତ୍ୟା ଘଟଣା ଉଲ୍ଲେଖ ରହିଛି, ଯେ ମଦିନାର ସରଦାରମାନଙ୍କ ମଧ୍ୟରୁ ଜଣେ ଥିଲା । ସେ ହଜୁର ସ.ଅଙ୍କ ସହିତ ସନ୍ଧିକାରୀଙ୍କ ମଧ୍ୟରେ ସାମିଲ ଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ସେ ବିଦ୍ରୋହ ଓ ବିଶୃଙ୍ଖଳାର ଅଗ୍ନି ପ୍ରଜ୍ୱଳିତ କରିଥିଲା, ଯେଉଁଥି ପାଇଁ ହଜୁରସ.ଅ ତାହାର ହତ୍ୟା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ହଦିସ୍ ବୁଖାରୀରେ ଉଲ୍ଲେଖ ରହିଛି ଯେ, ହଜରତ ଜାବିର୍ ବିନ୍ ଅବଦୁଲ୍ଲାଃ ବର୍ଣ୍ଣନା କରନ୍ତି; ହଜୁରସ.ଅ କହିଲେ; କାବ୍'ର କିଏ ମୁକାବିଲା କରିବ ? କାରଣ ସେ ଅଲ୍ଲାଃ ଓ ରସୁଲଙ୍କୁ ବହୁତ ଦୁଃଖକଷ୍ଟ ଦେଇଛି । ଏଥିରେ ମୁହମ୍ମଦ ବିନ୍ ମୁସେଲ୍ଲମାଃର.ଅ ଛିଡ଼ା ହେଲେ ଏବଂ କହିଲେ ମୁଁ ତାହାର ବଧ କରିବି । ସେ ଏକ ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରି କାବ୍ ନିକଟକୁ ଗଲେ ଏବଂ କହିଲେ, ମୁହମ୍ମଦସ.ଅ ଆମ ଠାରୁ ସଦ୍‌କା ମାଗି ଆମକୁ ଧର୍ମସଙ୍କଟରେ ପତିତ କରି ଦେଇଛନ୍ତି । ତେଣୁ ମୁଁ ତୁମ ନିକଟକୁ କିଛି କରଜ ନେବା ପାଇଁ ଆସିଛି । ଏଥିରେ କାବ୍ ଅତି ପ୍ରସନ୍ନଚିତ୍ତରେ କହିଲା ଯେ, ଆଉ ସେହି ଦିନ ବେଶି ଦୂର ନାହିଁ ଯେତେବେଳେ ତୁମେମାନେ ସେହି ବ୍ୟକ୍ତିଙ୍କୁ ବିଯାର (ଉଦାସ) ହୋଇ ତାଙ୍କୁ ଛାଡ଼ି ଦେବ । ପ୍ରତିଉତ୍ତରରେ ମୁହମ୍ମଦ ବିନ୍ ମୁସେଲ୍ଲମାଃର.ଅ କହିଲେ; ଆମେ ତ ତାଙ୍କ ଆନୁଗତ୍ୟ ସ୍ୱୀକାର କରି ନେଇଛୁ, ଏବେ ତାଙ୍କୁ ତ ପରିହାର କରି ପାରିବୁ ନାହିଁ । କାବ୍ କହିଲା ନିଜ ପତ୍ନୀ ଅଥବା ପୁତ୍ରକୁ ମୋ ନିକଟରେ ବନ୍ଧକ ରଖ ତେବେ ଯାଇ ମୁଁ ତୁମକୁ କରଜ ଦେବି । ମୁହମ୍ମଦ ବିନ୍ ମୁସେଲ୍ଲମାଃର.ଅ କହିଲେ, ଏହା ସମ୍ଭବ ନୁହେଁ । କିନ୍ତୁ ହଁ ମୁଁ ନିଜ ଯୁଦ୍ଧ କବଚ ତୁମ ନିକଟରେ ବନ୍ଧକ ରଖି ପାରିବି । ଏଥିରେ କାବ୍ ରାଜି ହୋଇଗଲା । ଅତଏବ ଅନ୍ଧାର ହେବା ପରେ ସେ କାବ୍ ବିନ୍ ଅଶରଫ୍ ଘରେ ପହଞ୍ଚିଗଲେ ଏବଂ କଥାଭାଷା ଆଳରେ ତାହାକୁ ଘରୁ ବାହାରକୁ ନେଇ ଆସିଲେ । ସେଥିଅନ୍ତେ ଅତି ଫୁର୍ତ୍ତିର ସହିତ ତାହାକୁ କାବୁ କରି ହତ୍ୟା କରିଦେଲେ ।

ଉକ୍ତ ଘଟଣାର ଅଧିକ ବ୍ୟାଖ୍ୟା ଶରାଃ ବୁଖାରୀ ଶରାଃ ଉମଦତୁଲ୍ କାରୀରେ ଏପରି ଉଲ୍ଲେଖ ରହିଛି; ହଜରତ ମୁହମ୍ମଦ ବିନ୍ ମୁସେଲ୍ଲମାଃର.ଅ ନିଜ ସାଥିମାନଙ୍କ ସହିତ ଯେତେବେଳେ କାବ୍ ଉପରେ ଆକ୍ରମଣ କରି ତାହାକୁ ନିହତ କଲେ ସେତେବେଳେ ତାଙ୍କର ଜଣେ ସାଥି ହଜରତ ହାରିସ୍ ବିନ୍ ଅଓସ୍ ର.ଅଙ୍କୁ ଖଣ୍ଡା ବାଜିବାରୁ ସେ ଆହତ ହୋଇଗଲେ । ଅତଏବ ସେମାନେ ତାଙ୍କୁ ଧରି ଶୀଘ୍ରାତି ଶୀଘ୍ର ମଦିନା ଫେରି ଆସିଲେ ଏବଂ ହଜୁର ସ.ଅଙ୍କ ସେବାରେ ଉପସ୍ଥିତ ହେଲେ । **ହଜୁରସ.ଅ ହାରିସ୍‌ଙ୍କ କ୍ଷତାକ୍ତ ସ୍ଥାନରେ ନିଜ ପବିତ୍ର ଲାଳ ଲଗାଇବାରୁ ତାଙ୍କର ଯନ୍ତ୍ରଣା ଦୂରିଭୂତ ହୋଇଗଲା ।**

ହଜରତ ମିର୍ଜା ବଶିର ଅହେମଦ ସାହେବର.ଅ ଉଲ୍ଲେଖ କରିଛନ୍ତି ଯେ, ଯେତେବେଳେ କାବ୍‌ର ମୃତ୍ୟୁ ଖବର ପରିବ୍ୟାପ୍ତ ହେଲା ସେତେବେଳେ ୟହୁଦୀମାନଙ୍କର ଏକ ଦଳ ହଜୁର ସ.ଅଙ୍କ ନିକଟରେ ଅଭିଯୋଗ କଲେ କି ଆମ ସରଦାରକୁ ହତ୍ୟା କରା ଯାଇଛି । ଏଥିରେ ହଜୁରସ.ଅ ସେମାନଙ୍କୁ କାବ୍‌ର ସନ୍ଧିଭଙ୍ଗ କରିବା, ଯୁଦ୍ଧର ଅଗ୍ନି ପ୍ରଜ୍ୱଳିତ କରିବା, ବିଶୃଙ୍ଖଳା, କଟୁଭାଷା ଓ ତାହାର ବିଦ୍ରୋହ ମୂଳକ ଗତିବିଧିଗୁଡ଼ିକ ସ୍ମରଣ କରାଇଲେ । ଯଦ୍ୱାରା ସେମାନେ ଭୟଭୀତ ହୋଇ ନିରବ ହୋଇଗଲେ ଏବଂ ସେମାନଙ୍କ ସହମତିକ୍ରମେ ଆସନ୍ତା ପାଇଁ ଏକ ନୂତନ ସନ୍ଧିପତ୍ର ସାକ୍ଷରିତ ହେଲା । **ୟହୁଦୀମାନେ ବିଦ୍ରୋହ ଓ ବିଶୃଙ୍ଖଳା ମୂଳକ ଉପଦ୍ରବରୁ ନିବୃତ୍ତ ରହିବାର ଏକ ନୂତନ ସନ୍ଧିପତ୍ର ମୁସଲମାନମାନଙ୍କ ସହିତ ସାକ୍ଷର କଲେ ।**

ଇତିହାସ ପୃଷ୍ଠାରେ କୌଣସି ସ୍ଥଳେ ଉଲ୍ଲେଖ ନାହିଁ ଯେ, ଏହି ଘଟଣା ପରେ ୟହୁଦୀମାନେ କଦାଚିତ କାବ୍ ବିନ୍ ଅଶରଫ୍‌ର ହତ୍ୟା ଘଟଣାକୁ କେନ୍ଦ୍ର କରି ମୁସଲମାନମାନଙ୍କ ଉପରେ ଆପତ୍ତି ବାଢ଼ି ନଥିଲେ । କାରଣ ସେମାନେ ହୃଦୟଙ୍ଗମ କରି ନେଇଥିଲେ ଯେ, କାବ୍ ନିଜ କଲାକର୍ମ ଯୋଗୁଁ ଏହି ଦଣ୍ଡର ଅଧିକାରୀ ଥିଲା ।

କେତେକ ଇତିହାସବିତ୍ ଏହି ଆପତ୍ତି କରିଥାନ୍ତି କି ହଜୁର[ସ.ଅ] ଏହା ଏକ ଅବୈଧ କାଣ୍ଡ (ହତ୍ୟା) ଭିଆଇ ଥିଲେ । କିନ୍ତୁ ସ୍ପଷ୍ଟ ରହିଥାଉ ଯେ, ଏହି ହତ୍ୟା କରିବା ଅବୈଧ ନଥିଲା, କାରଣ ସେ ହଜରତ ମୁହମ୍ମଦ [ସ.ଅ]ଙ୍କ ସହିତ ସନ୍ଧି କରିଥିଲା କି ଶାନ୍ତି ରକ୍ଷା କରିବ, ମୁସଲମାନମାନଙ୍କ ବିରୋଧରେ ଷଡ଼ଯନ୍ତ୍ର କରିବା ତ ଦୂରେ ଥାଉ ସେ ପ୍ରତିଜ୍ଞା କରିଥିଲା କି ବାହ୍ୟ ଶତ୍ରୁ ବିରୁଦ୍ଧରେ ମୁସଲମାନମାନଙ୍କର ସାହାଯ୍ୟ କରିବ ଏବଂ ସେମାନଙ୍କ ସହିତ ବନ୍ଧୁତାର ସମ୍ପର୍କ ରକ୍ଷା କରିବ । କିନ୍ତୁ ସେହି ଦୁର୍ଜନ ବ୍ୟକ୍ତି ସେସମସ୍ତ ପ୍ରତିଶୃତି ପାସୋରି ମୁସଲମାନମାନଙ୍କ ସହିତ ବିଶ୍ୱାସଘାତକତା କରିଥିଲା ଏବଂ ମଦିନାରେ ବିଦ୍ରୋହର ବୀଜ ବପନ କରି ଯୁଦ୍ଧର ଅଗ୍ନି ପ୍ରଜ୍ୱଳିତ କରିଥିଲା ତଥା ହଜୁର [ସ.ଅ]ଙ୍କୁ ହତ୍ୟା କରିବାର ଯୋଜନା କରୁଥିଲା । ତାହା ଅପରାଧର ସୂଚୀ ଏପରି ସୁଦୀର୍ଘ ଥିଲା ଯେ, ତାହା ବିପକ୍ଷରେ ଏପରି ଦଣ୍ଡବିଧାନର ପଦକ୍ଷେପ ଗ୍ରହଣ କରିବା ଅନିବାର୍ଯ୍ୟ ଥିଲା । ବସ୍ତୁତଃ ଆଜିକାଲି ଏହି ସଭ୍ୟ ବୋଲାଉଥିବା ଦେଶମାନଙ୍କରେ ବିଦ୍ରୋହ, ସନ୍ଧିଭଙ୍ଗ, ଜନସାଧାରଣଙ୍କୁ ଉତ୍ତେଜିତ କରିବା, ଯୁଦ୍ଧ ଓ ଷଡ଼ଯନ୍ତ୍ରକାରୀଙ୍କୁ ଦଣ୍ଡ ଦିଆ ଯାଇଥାଏ । ତେଣୁ ଏପରି ପ୍ରସଙ୍ଗରେ ପ୍ରତିବାଦ ବା କିଏ କରିବ ? ପୁନଶ୍ଚ ଏବେ ଫିଲିସ୍ତିନ୍ ଓ ଇସ୍ରାଇଲ୍ ମଧ୍ୟରେ ଯେଉଁ ଅନ୍ୟାୟ ଓ ଅତ୍ୟାଚାର ବଜାର ସରଗରମ ରହିଛି, ଯାହାକି ଅନେକ ଦିଗରୁ ଅବୈଧ ଓ ଅପ୍ରାସଙ୍ଗିକ ଅଟେ ।

ଦ୍ୱିତୀୟ ପ୍ରଶ୍ନ ଏହା ଉତ୍ଥାପିତ କରା ଯାଇଥାଏ କି ଅତି ନିରବତାର ସହ କାବ୍‌କୁ ହତ୍ୟା କରାଯାଇଥିଲା । ସେତେବେଳେ ଆରବରେ ପ୍ରତ୍ୟେକ ବ୍ୟକ୍ତି ଓ ଗୋଷ୍ଠୀ ସ୍ୱାଧୀନ ଓ ସ୍ୱୟଂଚାଳିତ ଥିଲା । ଏପରି ପରିସ୍ଥିତିରେ ସେଠାରେ କେଉଁ ନ୍ୟାୟଳୟ ଥିଲା ଯେଉଁସ୍ଥଳେ କାବ୍ ବିରୁଦ୍ଧରେ ମକଦ୍ଦମା କରି ତାହାକୁ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଥାନ୍ତା ? ତେଣୁ ସନ୍ଧିପତ୍ର ସାକ୍ଷର କରିବା ଦୃଷ୍ଟିରୁ ହଜୁର[ସ.ଅ] ଏହି ଅଧିକାର ରଖୁଥିଲେ ଯେ, ସମସ୍ତ ଶତ୍ରୁତା ଓ ପ୍ରଶାସନିକ ପ୍ରସଙ୍ଗର ଉଚିତ୍ ନିଷ୍ପତ୍ତି କରନ୍ତୁ । ସୁତରାଂ ଯଦି ଆପଣ[ସ.ଅ] ଦେଶରେ ଶାନ୍ତି ରକ୍ଷା ଓ ଉପଦ୍ରବର ମୂଳୋତ୍ପାଟନ ନିମନ୍ତେ କାବ୍‌ର ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ ତେବେ କାହାର ଅଧିକାର ରହିଛି ଯେ, ଆପଣ [ସ.ଅ]ଙ୍କ ନିଷ୍ପତ୍ତିରେ ଅଦାଲତ୍‌ରେ ଅପିଲ୍ କରିବ । ବିଶେଷ ରୂପେ ଇତିହାସରୁ ପ୍ରମାଣିତ ହେଉଛି ଯେ, ସ୍ୱୟଂ ୟହୁଦୀମାନେ କାବ୍‌ର ଏହି ଉପଦ୍ରବ ମୂଳକ ଗତିବିଧି ଯୋଗୁଁ ତାହାର ଏପରି ପରିଣାମରେ ନିରବତା ଅବଲମ୍ବନ କରିଥିଲେ ଏବଂ କୌଣସି ପ୍ରକାର ଆପତ୍ତି କି ବିରୋଧ କରି ନଥିଲେ ।

ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ଇତିମଧ୍ୟରେ ହଜରତ ହଫ୍‌ସା [ର.ଅ]ଙ୍କ ଦ୍ୱିତୀୟ ବିବାହ ହୋଇଥିଲା । ଯେ ହଜରତ ଉମର [ର.ଅ]ଙ୍କ ସୁପୁତ୍ରୀ ଥିଲେ । ତାଙ୍କର ପ୍ରଥମ ବିବାହ ଜଣେ ନିଷ୍ପାପର ସାହାବି ହଜରତ ଖନିସ୍ ବିନ୍ ହୁଜେଫା [ର.ଅ]ଙ୍କ ସହିତ ହୋଇଥିଲା । ଯେ ବଦର୍ ଯୁଦ୍ଧରୁ ଫେରି ବ୍ୟାଧିରେ ଆକ୍ରାନ୍ତ ହୋଇଥିଲେ ଏବଂ ସେଥିରୁ ବର୍ତ୍ତି ନପାରି ମୃତ୍ୟୁ ବରଣ କରିଥିଲେ । ତାଙ୍କର ଏପରି ଅକାଳ ବିୟୋଗ ଫଳରେ ହଜରତ ହଫ୍‌ସା [ର.ଅ]ଙ୍କୁ ଭୀଷଣ ଆଘାତ (ଧକ୍କା) ଲାଗିଥିଲା । ହଜୁର[ସ.ଅ] ସେଥିରୁ ତାଙ୍କୁ ଉଦ୍ଧାର କରିବା, ହଜରତ ଉମର [ର.ଅ]ଙ୍କ ସହ ନିଜ ସମ୍ପର୍କକୁ ଅଧିକ ଘନିଷ୍ଟ କରିବା ଓ ହଜରତ ହଫ୍‌ସା [ର.ଅ]ଙ୍କ ଲେଖାପଢ଼ା ଦ୍ୱାରା ଇସଲାମର ପ୍ରଚାର ପ୍ରସାର କାର୍ଯ୍ୟକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ଶାବାନ୍ ମାସ ୩ ହିଜ୍‌ରୀରେ ତାଙ୍କୁ ବିବାହ କରିନେଲେ । ହଜରତ ହଫ୍‌ସା [ର.ଅ]ଙ୍କ ଦେହାନ୍ତ ୬୩ବର୍ଷ ବୟସରେ ଅର୍ଥାତ ୪୫ହିଜ୍‌ରୀରେ ହୋଇଥିଲା ।

୨ହିଜ୍‌ରୀର ଘଟଣାରେ ହଜରତ ଅଲୀ ଓ ହଜରତ ଫାତିମା [ର.ଅ]ଙ୍କ ବିବାହ ଚର୍ଚ୍ଚା ପୂର୍ବ ଖୁତ୍‌ବାରେ ହୋଇଥିଲା । ରମଜାନ୍ ମାସ ୩ହିଜ୍‌ରୀରେ ତାଙ୍କ ଘରେ ଅର୍ଥାତ ବିବାହର ଦଶ ମାସ ଉପରାନ୍ତେ ଏକ ପୁତ୍ର ସନ୍ତାନ ଜନ୍ମ ଗ୍ରହଣ କଲା । ଯାହାର ନାମ ହଜୁର[ସ.ଅ] ହସନ୍ ରଖିଲେ ଏବଂ ଯାହା ସଂକ୍ରାନ୍ତରେ ଏକଦା ହଜୁର[ସ.ଅ] କହିଲେ; ମୋର ଏହି ପୁତ୍ର ସୟଦ୍ ଅର୍ଥାତ ସରଦାର ଅଟେ । **ସମୟ ଆସିବ ଯେତେବେଳେ ପ୍ରଭୁ ଏହା ଦ୍ୱାରା ମୁସଲମାନମାନଙ୍କ ଦୁଇ ଦଳ ମଧ୍ୟରେ ସନ୍ଧି କରାଇବେ ।** ସୁତରାଂ ଏହି ଭବିଷ୍ୟତ ବାଣୀ ନିଜ ସମୟରେ ପୂରଣ ହେଲା ।

ପରିଶେଷରେ ମହାମାନ୍ୟ ହଜୁର ଅନଓ୍ୱର[ଅ.ବ] କହିଲେ; ମୁଁ ପୁନର୍ବାର ଫିଲିସ୍ତିନ୍‌ବାସୀଙ୍କ ପାଇଁ ଦୁଆ କରିବାକୁ ଆହ୍ୱାନ ଜଣାଉଛି । ଯେପରିକି ବିଗତ କିଛି ଖୁତ୍‌ବାରୁ କହି ଆସୁଛି, ଆଜି ମଧ୍ୟ ସେଥି ସଂକ୍ରାନ୍ତରେ କିଛି କହିବାକୁ ଚାହୁଁଛି ଯେ, ସେମାନଙ୍କ ପାଇଁ ଦୁଆ ଅବ୍ୟାହତ ରଖିବେ । ଏବେ ସେଠାରେ ଅନ୍ୟାୟ ଓ ଅତ୍ୟାଚାର ତ ସୀମାଲଘିଂ ଯାଇଛି । ହମାସ୍ ସହିତ ଯୁଦ୍ଧ କରିବା ଆଳରେ ନିରୀହ ପିଲା, ନରନାରୀ, ବୃଦ୍ଧ ଓ ଚିକିତ୍ସାଧୀନ ଲୋକମାନଙ୍କୁ ନିର୍ମମ ଭାବରେ ହତ୍ୟା କରୁଛନ୍ତି । ସମସ୍ତ ପ୍ରକାରର ଯୁଦ୍ଧ ନିୟମାବଳୀକୁ ଏହି ନାମକୁ ମାତ୍ର ସଭ୍ୟ ଦେଶମାନେ ନିଜ ପୃଷ୍ଠଦେଶକୁ ଫିଙ୍ଗି ଦେଇଛନ୍ତି । **ହଜରତ ମିର୍ଜା ବଶିର ଅହେମଦ ସାହେବ[ର.ଅ] ଆଜକୁ ୭୨/୭୩ବର୍ଷ ପୂର୍ବେ ସଚେତନ କରାଇ ଥିଲେ ଯେ, ମୁସଲମାନମାନଙ୍କୁ ଏକ ହେବା ଉଚିତ୍ ।** ବର୍ତ୍ତମାନ ସେମାନେ ନିଷ୍ପତ୍ତି କରି ନିଅନ୍ତୁ ଯେ, ଏବେ ଆମେ ଏକ ହେବା ନା ଅଲଗା ଅଲଗା ରହି ସଭିଏଁ ଜଣକ ପରେ ଜଣେ ବିନାଶ ହୋଇଯିବା ଅଥବା ଏକ ହୋଇ ନିଜକୁ ଜୀବିତ ରଖିବା । ସମ୍ଭବତଃ ଏକଥା ସେମାନେ ହୃଦୟଙ୍ଗମ କରିନିଅନ୍ତୁ । ପରିସ୍ଥିତି ତ ଏପରି କି ମୋତେ କେହି ଜଣେ ଖବର ଦେଲେ ଯେ, ଆରବ ପ୍ରଶାସନ ସେଠାକୁ ଉମ୍‌ରାଃ କରିବା ପାଇଁ ଆସୁଥିବା ଯାତ୍ରୀଙ୍କୁ VISA ଦେବା ସମୟରେ କହୁଅଛି କି ଉମ୍‌ରାଃ କରିବା ଅବଧି ମଧ୍ୟରେ ଫିଲିସ୍ତିନ୍ ଓ ଇସ୍ରାଇଲ୍ ଯୁଦ୍ଧ ପ୍ରସଙ୍ଗରେ କୌଣସି ଚର୍ଚ୍ଚା କରିବେ ନାହିଁ । ଯଦି ଏକଥା ସତ ତେବେ ମୁସଲମାନ ପ୍ରଶାସନଙ୍କର ଏହା ମସ୍ତବଡ଼ ଭୀରୁତା । ସେ ଯାହା ହେଉ ଉମ୍‌ରାଃ (ଉପାସନ)ର ସଠିକ୍ ରୂପେ କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ୍ । ତେଣୁ ସେହି ସମୟରେ ଯଦି ଯାତ୍ରୀମାନେ ସେହି ପ୍ରସଙ୍ଗରେ କଥାବାର୍ତ୍ତା ନହୁଅନ୍ତି ତଥାପି ନିରୀହ ଫିଲିସ୍ତିନ୍‌ବାସୀଙ୍କ ପାଇଁ ଦୁଆ ତ ନିଶ୍ଚିୟ କରିବା ଉଚିତ୍ ।

ସମ୍ପ୍ରତି ଯଦି ମୁସଲମାନ ରାଷ୍ଟ୍ରମାନେ ସ୍ୱର ଉତ୍ତୋଳନ କରୁଛନ୍ତି ତେବେ ଅତି ଶିଥିଳ କଣ୍ଠରେ । ଏମାନଙ୍କ ଠାରୁ ଅଣମୁସଲମାନ, ଶାସକ ଦଳ ଓ ରାଜନେତାମାନଙ୍କର ସ୍ୱର ଅଧିକ ତୀବ୍ରତାର ସହିତ ଉର୍ଦ୍ଧ୍ୱଗାମୀ ହେଉଛି । ଅଲ୍ଲାଃତାଲା ମୁସଲମାନମାନଙ୍କୁ ମଧ୍ୟ ସତ୍‌ସାହସ ଓ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । ମିଳିତ ଜାତିସଂଘର ଅଧ୍ୟକ୍ଷ ମଧ୍ୟ ହକ୍ କଥା କହୁଛନ୍ତି । ଆଜିକାଲକୁ ସେ ଅତି ସୁନ୍ଦର ଉଦ୍‌ବୋଧନ ଦେଉଛନ୍ତି କିନ୍ତୁ ଏପରି ପ୍ରତୀତ ହେଉଛ କି ତାଙ୍କ ଉକ୍ତି (ମନ୍ତବ୍ୟ)ର କୌଣସି ମୂଲ୍ୟ ନାହିଁ । ମନେହେଉଛି ଏହି ଯୁଦ୍ଧ ଅଧିକ ବ୍ୟାପକ ହୋଇ ଚାଲିଛି ଏବଂ ଯଦି ଏହା ବିଶ୍ୱଯୁଦ୍ଧର ରୂପ ନେଲା ତେବେ ତାହା ଶେଷ ହେବା ସହିତ ଜାତିସଂଘ ମଧ୍ୟ ବାକି ରହିବ ନାହିଁ । ଅଲ୍ଲାଃତାଲା ସଂସାରବାସୀଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । ଏପରି ପ୍ରତୀତ ହେଉଛି ବିଶ୍ୱ ଧ୍ୱଂସ ହେବା ମୁହାଣରେ ପହଞ୍ଚି ଯାଇଛି । ତେବେ ଏହି ବିଭୀଷିକାରୁ ଯେଉଁ ଲୋକମାନେ ବର୍ତ୍ତି ଯିବେ ଅଲ୍ଲାଃତାଲା ସେମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଯେ, ସେମାନେ ଯେପରି ପ୍ରଭୁଙ୍କ ଆଡ଼କୁ ଆନତ ହୋଇ ତାଙ୍କ ପ୍ରତି ମନଯୋଗ କରିବେ । ସେ ଯାହା ହେଉ ଏହି ଦୃଷ୍ଟି କୋଣରୁ ଆମମାନଙ୍କୁ ବହୁତ ଦୁଆ କରିବା ଉଚିତ୍ । ଅଲ୍ଲାଃତାଲା ସଂସାରବାସୀଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ । ଆମିନ୍

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।